EDII

**Seithu Arambha**

**March 02, 2021**
**Bhubaneswar**

# ଇଡିଆଇଆଇ ପକ୍ଷରୁ ଉଦ୍ୟମିତା ଉପରେ ଆୟୋଜିତ ଚତୁର୍ଦ୍ଦଶ ଦ୍ୱିବାର୍ଷିକ ସମ୍ମିଳନୀ ଡକ୍ଟର ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଉଦ୍‌ଘାଟିତ




ଭୁବନେଶ୍ୱର, ୨୭/୦(ନ୍ୟୁ.ଏ.): ଏଂଟରପ୍ରେନ୍ୟୁଅରସିପ୍ ଡେଭଲପମେଂଟ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (ଇଡିଆଇଆଇ) ପକ୍ଷରୁ ଉଦ୍ୟମିତା ଉପରେ ଆୟୋଜନ କରାଯାଇଥିବା ୧୪ତମ ଦ୍ୱିବାର୍ଷିକ ସମ୍ମିଳନୀକୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡକ୍ଟର ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଚଳିତ ମାସ ୨୫ରୁ ୨୭ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମିଳନୀର ଉଦଘାଟନୀ ସମାରୋହରେ ସମ୍ମିଳନୀର ଅଧ୍ୟକ୍ଷ ତଥା ଆଇଆଇଏମ୍-ଅହମ୍ମଦାବାଦ୍‌ର ଆସୋସିଏଟ ପ୍ରଫେସର ଡକ୍ଟର ରାଜୀବ ଶର୍ମା, ଇଡିଆଇଆଇ-ଅହମ୍ମଦାବାଦ୍‌ର ବରିଷ୍ଠ ଉପଦେଷ୍ଟା ଏଚ୍ କେ ମିତଲ ଓ ଡାଇରେକ୍ଟର ଜେନେରାଲ୍ ଡକ୍ଟର ସୁନିଲ ଶୁକ୍ଳା ଉପସ୍ଥିତ ଥିଲେ। ଡକ୍ଟର ଶୁକ୍ଳା ପ୍ରାରମ୍ଭିକ ଅଭିଭାଷଣରେ ଶ୍ରୀଯୁକ୍ତ ସାମନ୍ତଙ୍କୁ ସ୍ୱାଗତ କରିବା ସହ କିଭଳି ଅନେକ ପ୍ରତିବନ୍ଧକକୁ ସାମ୍ନା କରି ସେ ସମ୍ମାନଜନକ କିସ୍ ଓ କିଟ୍ ଭଳି ପ୍ରତିଷ୍ଠାନ ସ୍ଥାପନ କରିଛନ୍ତି ସେହି କାହାଣୀ ବର୍ଣ୍ଣନା କରିଥିଲେ ଏବଂ ତାଙ୍କ ସାମାଜିକ ଓ ବଦାନ୍ୟ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଗ୍ରାମୀଣ ବିକାଶ, ମହିଳା ସଶକ୍ତୀକରଣ, ସାମାଜିକ ସେବା, ସୁଲଭ ମୂଲ୍ୟର ସ୍ୱାସ୍ଥ୍ୟ ସେବା, କଳା, ସଂସ୍କୃତି, ଗଣମାଧ୍ୟମ, ମନୋରଂଜନ ଏବଂ ଆଧ୍ୟାତ୍ମିକତା କ୍ଷେତ୍ରରେ ମଧ୍ୟ ଶ୍ରୀଯୁକ୍ତ ସାମନ୍ତ ସକ୍ରିୟ ଥିବା ସେ କହିଛନ୍ତି। ମୁଖ୍ୟ ଅତିଥି ଡକ୍ଟର ଅଚ୍ୟୁତ ସାମନ୍ତ ନିଜ ଅଭିଭାଷଣରେ କହିଛନ୍ତି ଯେ, "କୋଭିଡ୍-୧୯ ମହାମାରୀ ସମସ୍ତଙ୍କ ପାଇଁ ଅନିଶ୍ଚିତତାର ଏକ ସ୍ଥିତି ସୃଷ୍ଟି କରିଛି ଓ ଉଦ୍ୟୋଗୀମାନେ ଏହା ଦ୍ୱାରା ସର୍ବାଧିକ ପ୍ରଭାବିତ ହୋଇଛନ୍ତି। ସମାଜରେ ସୁରକ୍ଷା, ନ୍ୟାୟ ଓ ଏକ ସ୍ୱଚ୍ଛ ପୃଥିବୀର ରହିଥିବା ଆବଶ୍ୟକତାକୁ ଏହି ମହାମାରୀ ସାମ୍ନାକୁ ଆଣିଛି। ଅନେକ ଉଦ୍ୟୋଗୀ ଏହି ସଙ୍କଟରୁ ଶିକ୍ଷାଲାଭ କରି ନବସୃଜନ କରିଆରେ ଆଗକୁ ବଢ଼ିବା ସହ ସଫଳ ମଧ୍ୟ ହୋଇଛନ୍ତି ଏବଂ ଆଗାମୀ ସଙ୍କଟ ପାଇଁ କିଭଳି ନିଜକୁ ପ୍ରସ୍ତୁତ କରିହେବ ତାହା ଜାଣିପାରିଛନ୍ତି। ତେଣୁ ଉଦ୍ୟମିତାରେ ଗବେଷଣା ଜରୁରୀ ବୋଲି ସେ କହିଛନ୍ତି।'' ଶ୍ରୀଯୁକ୍ତ ଏଚ୍ କେ ମିତଲ ନିଜ ପ୍ଲେନାରି ବକ୍ତବ୍ୟରେ କହିଛନ୍ତି ଯେ ଉଦ୍ୟମିତା ହେଉଛି ଏକ କ୍ଷେତ୍ର ଯାହାକୁ ଭାରତ ପ୍ରସାର କରିବା ଦରକାର। ମହାମାରୀ ଯୋଗୁଁ ଅନେକ ସ୍ତରରେ ମାସ୍କ ନିର୍ମାତାଙ୍କ ଅଭ୍ୟୁଦୟ ହୋଇଛି। ସବୁଠୁ ଭଲ କଥା ହେଉଛି ପୂର୍ବରୁ କେବେବି ପିପିଇ କିଟ୍ ନିର୍ମାଣ କରୁନଥିବା ଭାରତ ଏବେ ଏହି କିଟ୍‌ଗୁଡ଼ିକୁ ରପ୍ତାନି କରୁଛି। ଆମ ଦେଶ ଭେଂଟିଲେଟର, ଏୟାର ପ୍ୟୁରିଫାୟର ଓ ଟିକା ନିର୍ମାଣରେ ମଧ୍ୟ ଆଗକୁ ବଢ଼ିଛି। ଶ୍ରୀଯୁକ୍ତ ଗଣପତି ବାଥିନିଙ୍କ ଧନ୍ୟବାଦ ଅର୍ପଣ ସହ ଏହି ସମ୍ମିଳନୀ ଉଦ୍‌ଯାପିତ ହୋଇଥିଲା। ଏହି ସମ୍ମିଳନୀ ପାଇଁ ୧୮୦ରୁ ଅଧିକ ସନ୍ଦର୍ଭ ଆସିଛି ଓ ସେଥିରୁ ୧୧୪ଟି ସନ୍ଦର୍ଭକୁ ଉପସ୍ଥାପନ ପାଇଁ ଚୟନ କରାଯାଇଛି। ନେପାଳ, ଦକ୍ଷିଣ ଆଫ୍ରିକା ଓ ନାଇଜେରିଆର ଶିକ୍ଷାବିତ୍ ଏଥିରେ ଅଂଶଗ୍ରହଣ କରି ଗବେଷଣା ସନ୍ଦର୍ଭ ଉପସ୍ଥାପନ କରିଛନ୍ତି।